Digitized by PPRACHIN, SOA

ମାଙ୍କଡ଼ଙ୍କ ବଣଭୋଜୀ

ଶ୍ରୀ ଅଧିରାଜ ମୋହନ ସେନାପତି

ପ୍ରକାଶକ

ବିଦ୍ୟାପୁରୀ

ବାଲୁବଜାର, କଟକ-୨

ମୂଲ୍ୟ—ଟ ୧.୦୦

Digitized by PPRACHIN, SOA

ପ୍ରଥମ ପ୍ରକାଶ
ଏପ୍ରିଲ୍, ୧୯୬୭

ପ୍ରକାଶକ
ଶ୍ରୀପିତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ-୨

❊

ମୁଦ୍ରାକର
ଶ୍ରୀଦିବାକର ମିଶ୍ର
ଗୋସ୍ୱାମୀ ପ୍ରେସ
କଟକ-୨

ମୂଲ୍ୟ—ଟ ୧·୦

Digitized by PPRACHIN, SOA

ମାଙ୍କଡ଼ଙ୍କ ବଣଭୋଜି

ଝୀମା ଆଉ ଝୀମୀ—ଝୀମା ବୁଢ଼ା ମାଙ୍କଡ଼, ଝୀମୀ ବୁଢ଼ୀ ମାଙ୍କଡ଼ୀ । ଦୁହେଁଯାକ ଘର କରି ରହିଥାନ୍ତି ଅଗନା-ଅଗନ ବନସ୍ତରେ । ବଣର ଠୋଷମୁଣ୍ଡରେ ଗୋଟାଏ ନଈଧାର ବହିଯାଉଛି । ନଈ ଆର ପଟରେ ମଟୁବନ ଗାଁ । ଗାଁର ନଈକୂଳଆ କଳାନ୍ଦକମିରେ ଶୁଆପକ୍ଷିଆ ଧାନଗଛ ଗୁଡ଼ାକ ଦକ୍ଷିଣା ପବନରେ ଏପାଖ ସେପାଖ ଦୋହଲୁଥାନ୍ତି ।

(ମାଙ୍କଡ଼ ପରିବାର)

ଝୀମା ଝୀମୀ ବଣର ଗୋଟିଏ ଖୋଲାଜ ଗାରେ ରକର ରହିଥାନ୍ତି । ଘରେ ବୁଢ଼ାବୁଢ଼ୀଙ୍କୁ ମିଶାଇ କୋଡ଼ିଏ ଣୀ କୁଟୁମ୍ବ । ଏମାନେ ସମସ୍ତେ ବୁଢ଼ାବୁଢ଼ୀଙ୍କ ପୁଅଝିଅ, ଛନାତୁଣୀ ।

Digitized by PPRACHIN, SOA

ଆଗରୁ ଏମାନେ ଗଛ ଉପରେ ରହୁଥିଲେ । କେତେ ବର୍ଷା, କେତେ ଝଡ଼ତୋଫାନ, କେତେ ଶୀତ-କାକର ସହି କଷ୍ଟରେ କାଳ କାଟୁଥିଲେ । ଏବେ ବୁଢ଼ା-ବୁଢ଼ୀଙ୍କ ବଡ଼ପୁଅ ହୁମା ଗୋଟାଏ ବୁଦ୍ଧି ପାଇଁଲା । ବୁଦ୍ଧିଟି କଣ କି ଗୋଟାଏ ଘର ତିଆରି କରି ସମସ୍ତେ ସୁଖରେ ରହିବେ ।

(ମାଙ୍କଡ଼ଙ୍କ ଘର)

ସମସ୍ତେ ଲାଗିଗଲେ ଘର ତିଆରିରେ । କେତେକ ମାଙ୍କଡ଼ ଯାଇ ଗୁଡ଼ାଏ ଟାଣୁଆ ଡାଳ ଭାଙ୍ଗି ଆଣିଲେ । ଆଉ କେତେକ ଗଛ ଅଗରୁ ନହକା ଡାଳ ଭାଙ୍ଗି ଆଣିଲେ । ଟାଣୁଆ ଡାଳଗୁଡ଼ାକ ଧାଡ଼ି ଧାଡ଼ି କରି ପୋତିଦେଲେ । ଗୋଟାଏ ଗୋଲକଣିଆ ଘର ହେଲା । ଗୋଟାଏ ପାଖରେ ଗୋଟାଏ ବାଟ ଛାଡ଼ିଦେଲେ । ତା' ନ ହେଲେ ଘର ଭିତରକୁ ଯିବେ କିପରି ? ନହକା ଡାଳଗୁଡ଼ିକ ଖଞ୍ଜିଦେଇ

Digitized by PPRACHIN, SOA

ଛାତ ତିଆରି କଲେ । ସୁନ୍ଦର ଘରଟିଏ ହେଲା । କିନ୍ତୁ ଘର ଭିତରଟା ଲିପାପୋଛା ନ ହେଲେ ତା'ଭିତରେ ରହିବେ କିପରି ?

ହୁମା ଆଗ ହୋଇ ବାହାରିଲା । ଆଉ ସମସ୍ତେ ବାହାରିଗଲେ । ନଈକୂଳରୁ ଗୁଡ଼ାଏ ଚିକିଟାମାଟି ବୋହି ଆଣିଲେ । ଦୁଇଟା ମାଙ୍କଡ଼ ଗାଁ ଭିତରେ ପଶି ତାଟକା ଗୋବର ନେଇ ଆସିଲେ ।

ଆଉ ପାଣି ? ପାଣି ଆଣିବେ କିପରି ? ହୁମାକୁ ଗୋଟାଏ ବୁଦ୍ଧି ଦିଶିଲା । ଚାରିଆଡ଼କୁ ଅନାଇ ଦେଖିଲା । ଗୋଟାଏ ଜାଗାରେ ମାଣସାରୁ ଗଛ ହୋଇଥାଏ ।

(ମାଙ୍କଡ଼ମାନେ ମାଣସାରୁ ପତ୍ରରେ ପାଣି ବୋହି ଆଣୁଛନ୍ତି)

ପତ୍ରଗୁଡ଼ାକ ବଡ଼ ବଡ଼, ଯିମିତି ଲମ୍ବା ସିମିତି ଚଉଡ଼ା । ପତ୍ର-ଗୁଡ଼ିକ ଆଣି ଦୁନା କଲେ । ଏହି ଦୁନାରେ ନଈରୁ ପାଣି ବୋହି ଆଣିଲେ । ଝୀମା ଝୀମୀ ଦୁହେଁ ତାଙ୍କ ଘର ଲିପିବାରେ ଲାଗିଗଲେ । ଘର ଭିତରଟା ସଫାସୁତୁରା ହୋଇଗଲା ।

Digitized by PPRACHIN, SOA

କୋଡ଼ିଏଟିଯାକ ମାଙ୍କଡ଼ ଘର ଭିତରେ ଆରାମରେ ରହିଲେ । ଦିନେ ହୁମା କହିଲା—ଆମେ ଏଡ଼େ ସୁନ୍ଦର ଘରଟିଏ ତିଆରି କରି ରହିଲୁ । ବଣରେ ଆମର ଆଉ ବହୁତ ସାଙ୍ଗସାଥି ଅଛନ୍ତି । ସେମାନଙ୍କୁ ଡାକି ଆମ ଘରଟି ଦେଖାଇଦେଲେ ଭଲ ହୁଅନ୍ତା । ସେମାନେ ବି ଏହିପରି ଘର କରି ରହନ୍ତେ ।

ବୁଢ଼ାବୁଢ଼ୀ କହିଲେ—ନାହିଁରେ ପୁଅ ! ଭୁଛା ଘରଟାକୁ ଦେଖିବାପାଇଁ ସେମାନଙ୍କୁ ଡାକିଲେ ଭଲ ହେବ ନାହିଁ । ଗୋଟିଏ ଭୋଜି କରିବା । ଭୋଜି ଖାଇବା ପାଇଁ ସେମାନଙ୍କୁ ଡାକିବା । ସେମାନେ ଘର ଦେଖିବେ, ଭୋଜି ଖାଇବେ ।

ବୁଢ଼ାବୁଢ଼ୀଙ୍କ କଥା ସବୁ ମାଙ୍କଡଙ୍କ ମନକୁ ପାଇଲା । ହୁମା ତାର ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବାକୁ ବାହାରିଲା ।

ବୁଢ଼ାବୁଢ଼ୀ କହିଲେ—ରେ ପୁଅ ! ତୁ ଯାଇ ଜଣ ଜଣ କରି ସମସ୍ତଙ୍କୁ କହିବୁ, "ଆମର ଆଜି ଗୃହପ୍ରତିଷ୍ଠା ହେବ । ଦିନ ୧୨ଟା ବେଳକୁ ଆମ ଘରେ ପାଦ ପକାଇ ଭୋଜିରେ ଯୋଗଦେବ । ଆଉ ଶୁଣ ! ସମସ୍ତଙ୍କୁ ଯଥାବିଧି ନମସ୍କାର କରି ଏକଥା କହି ଆସିବୁ ।"

ନିମନ୍ତ୍ରଣ କରିବାକୁ ହୁମା ବାହାରିଗଲା ।

ଆଉ ମାଙ୍କଡ଼ମାନେ ତର୍କ କଲେ ଭୋଜିଟା କିମିତି କରିବେ । କିଏ କହିଲା—ଭାତ, ଡାଲି, ତରକାରୀ କରିବା । କିଏ କହିଲା—ନାହିଁ, ନାହିଁ, ଖେଚଡ଼ି କରିବା । କିଏ

Digitized by PPRACHIN, SOA

କହିଲା—କାନିକା କରିବା । ଆଉ ଜଣେ କହିଲା—ପୁରି ତରକାରୀ କରିବା, ଏହିପରି ଜଣେ କେତେ କଥା କହିଲେ ।

ଶେଷରେ ବୁଢ଼ାବୁଢ଼ୀ କହିଲେ—ଖେଚଡ଼ି କରିବା । ଡାଲି ଆଉ ଦରକାର ହେବ ନାହିଁ । ଗୋଟାଏ ବନ୍ଧାକୋବି ତରକାରୀ, ଆଉ ଗୋଟାଏ ଖଟେଇ ହେଲେ ଯଥେଷ୍ଟ ହେବ । ହୁମା ନିମନ୍ତ୍ରଣ କରି ଫେରି ଆସୁ । ତାକୁ ପଚାରିବା ।

ହୁମା ଫେରି ଆସିଲା । ତାକୁ ପଚାରିବାରୁ ସେ କହିଲା—ହଁ, ମିଠା ଖେଚଡ଼ି ହେଲେ ସୁଆଦିଆ ଲାଗିବ । ତାଁ ସାଙ୍ଗକୁ କୋବି ତରକାରୀ, ଖଟେଇ ହେଲେ ଚଳିବ । ଶାଗଟାଏ ହେଲେ ଭଲ ହୁଅନ୍ତା । ହୁମା କଥାରେ ସମସ୍ତେ ହଁ ଭରିଲେ ।

ହୁମା ପୁଣି କହିଲା—ମିଠା ଜିନିଷ କିଛି ନ ଦେଲେ, ଭୋଜିଟାକୁ କେହି ପସନ୍ଦ କରିବେ ନାହିଁ । କହନ୍ତି ପରା—

"ମଧୁରେଣ, ସମାପୟେତ୍ ।"

କଥା ଛିଡ଼ିଗଲା । ଏବେ ସମସ୍ତେ ଭୋଜି ଜିନିଷ ଯୋଗାଡ଼ିବାକୁ ବାହାରିଲେ ।

ମାଙ୍କଡ଼ ପିଲାଟା ପ୍ରଥମେ ପହଞ୍ଚିଲେ ଗୋଟାଏ ମୁଦି ଦୋକାନରେ । ଖେଁ ଖେଁ ହୋଇ ପଶିଗଲେ ଦୋକାନ ଭିତରକୁ । ଦୋକାନୀ ବିଚାରା ଛାନିଆ ହୋଇ ଦୋକାନ ଛାଡ଼ି ପଳାଇଗଲା । ଗରାଖମାନେ ଯେଝା ଘରକୁ ଦଉଡ଼ ଦଉଡ଼ ପଳାଇଗଲେ । ମାଙ୍କଡ଼ମାନେ ମନଇଚ୍ଛା ଜିନିଷ

Digitized by PPRACHIN, SOA

(ମାଙ୍କଡ଼ମାନେ ମୁଦି ଦୋକାନରୁ ଭୋଜ୍ୟ ଜିନିଷ ନେଇ ଯାଉଛନ୍ତି)

ସଂଗ୍ରହ କଲେ । ଡାଲି, ଚାଉଳ, ଲୁଣ, ତେଲ, ଘିଅ, ଚିନି, ମସଲା ଏ ସବୁ ଜିନିଷ ଏହି ଦୋକାନରୁ ମିଳିଗଲା ।

(ମାଙ୍କଡ଼ମାନେ ବଗିଚାରୁ ପନିପରିବା ନେଇଯାଉଛନ୍ତି)

ପନିପରିବା ଆଣିବା ପାଇଁ ମାଙ୍କଡ଼ମାନେ ଯାଇ ପହଞ୍ଚିଲେ ଜଣେ ମାଳୀର ବଗିଚାରେ । ମାଳୀ ଭାତ ଖାଇବା

Digitized by PPRACHIN, SOA

ପାଇଁ ତା' ଘରକୁ ଯାଇଥିଲା । ମାଙ୍କଡ଼ପାଳ ବଗିଚାରେ ପଶି ବନ୍ଧା କୋବି, ମଟରଛୁଇଁ, କୋଶଲାଶାଗ ଘେନି ଆସିଲେ ।

ତା'ପରେ ସେମାନେ ଗୁଡ଼ିଆ ଦୋକାନକୁ ଗଲେ । ସେଠାରେ ଦେଖିଲେ ଥାଳୀକି ଥାଳୀ ମିଠେଇ କାଚ ଆଲମାରୀରେ ଥୁଆ ହୋଇଛି । ଆଲମାରୀ ତଳେ ଗୋଟାଏ

(ମାଙ୍କଡ଼ମାନେ ଗୁଡ଼ିଆ ଦୋକାନରୁ ରସଗୋଲା ନେଇଯାଉଛନ୍ତି)

ପିତ୍ତଳ କରେଇରେ ରସଗୋଲା ଗୁଡ଼ାକ ସିରାରେ ଭାସୁଛି । ରସଗୋଲାରୁ ଯେତେ ଇଚ୍ଛା ସେତେ ବୋହି ଆଣିଲେ । ଗୁଡ଼ିଆ ବପୁରା ନୀରବଦର୍ଶକ ହୋଇ ଦୂରରେ ଠିଆ ହୋଇଥାଏ । ତାହାର ଭୟ ହେଲା—ମାଙ୍କଡ଼ଙ୍କୁ ହୁରୁଡ଼ାଇଲେ ସେମାନେ କୁଆଡ଼େ ସବୁ ଜଳଖିଆ ନଷ୍ଟ କରିଦେବେ ।

ଖଟେଇ କରିବା ପାଇଁ ହୁମା ଗୋଟାଏ ଆମ୍ବ ଗଛରେ ଚଢ଼ି କଞ୍ଚା ଆମ୍ବ ତୋଳି ଆଣିଲା ।

Digitized by PPRACHIN, SOA

ଖାଇବା ସରଞ୍ଜାମ ସବୁ ସଜିଲ ହୋଇଗଲା ।

ରନ୍ଧାରନ୍ଧି କରିବା ପାଇଁ ପାତ୍ର ଆଣିବେ କେଉଁଠୁ ? ବୁଢ଼ାବୁଢ଼ୀ ପାତ୍ରର ସନ୍ଧାନରେ ଚାଲିଲେ ।

ମଧୁପୁର ଗାଁରେ ସପ୍ତାହରେ ଦିନେ ହାଟ ବସେ । ସେଦିନ ବେପାରୀମାନେ ବହୁ ଦୂର ଦୂରାନ୍ତରରୁ ଜିନିଷ-ମାନ ଆଣି ହାଟରେ ବିକନ୍ତି । ବୁଢ଼ାବୁଢ଼ୀ ସେହି ହାଟକୁ ବାହାରିଲେ । ରାସ୍ତା କଡ଼ରେ ଦେଖିଲେ ଜଣେ ବେପାରୀ

(ଠୀମାଠୀମୀ ଡେକ୍‌ଚି, କରେଇ ପ୍ରଭୃତି ନେଉଛନ୍ତି)

ତା' ଜିନିଷପତ୍ର ଥୋଇଦେଇ ମଳତ୍ୟାଗ କରିବାକୁ ଯାଇଛି । ଜିନିଷ ବୋଇଲେ ଏଲୁମିନିୟମ୍ ଡେକ୍‌ଚି, କରେଇ, ଚଟୁ, ଡଙ୍କା, ବାଲ୍‌ଟି ଇତ୍ୟାଦି ।

ଏ ସୁବିଧା ଛାଡ଼େ କିଏ ? ବୁଢ଼ାବୁଢ଼ୀ ଯେତିକି ଦରକାର ସେତିକି ଜିନିଷ ନେଇ ଆସିଲେ । ଖଡ଼ଖାଡ଼୍

Digitized by PPRACHIN, SOA

ଶବ୍ଦ ଶୁଣି ବେପାରୀ ଅତର୍କ୍କେ ହୋଇ ଦଉଡ଼ି ଆସିଲା । ସେତେବେଳକୁ ବୁଢ଼ାବୁଢ଼ୀ ଜିନଷ ନେଇ ପଳାଇ ଯାଇଥିଲେ ।

ବାକୀ ରହିଲା ପାଣି ଆଉ କାଠ । ଜଙ୍ଗଲରେ କାଠ ଯାହାକୁ ଯେତେ । ଖାଲି ଗୋଟାଇ ଆଣି ପାରିଲେ ହେଲା । ବଡ଼ ମାଙ୍କଡ଼ମାନେ ହୁଁ, ହୁଁ ହୁଙ୍କାର କରି ଗଛ ଉପରକୁ ଚଢ଼ିଗଲେ । ଗଛରେ ଯେତେ ଶୁଖିଲା ଡାଳ ଥିଲା ସେସବୁ ମଟ୍‌ମଟ୍ କରି ଭାଙ୍ଗି ପକାଇଲେ । ସାନ ମାଙ୍କଡ଼ଯାକ ତାକୁ ବୋହିଆଣି ଘର ପାଖରେ ଗଦାକରିଦେଲେ ।

ଏବେ ପାଣି ଆଣିବେ କିପରି ? ହନୁମା ଗୋଟାଏ

(ମାଙ୍କଡମାନେ ନଈରୁ ବାଲ୍‌ଟିରେ ପାଣି ବୋହି ଆଣୁଛନ୍ତି ।)

ବୁଦ୍ଧି ପାଞ୍ଚିଲା । ମାଙ୍କଡ଼ମାନେ ଘରଠାରୁ ନଈକୂଳ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ଠିଆହେଲେ । ବାଲ୍‌ଟିରେ ପାଣି ଉଠାଇ

Digitized by PPRACHIN, SOA

ଜଣେ ଆଉଜଣକ ହାତକୁ ବଢ଼ାଇ ଦେଉଥାଏ । ଶେଷମୁଣ୍ଡ ପର୍ଯ୍ୟନ୍ତ ଏହିପରି ପାଣି ବାଲ୍ଟି ଏହାତ ସେହାତ ହୋଇ ଠିକଣା ସ୍ଥାନରେ ପହଞ୍ଚି ଯାଉଥାଏ ।

ତା’ପରେ ଚୁଲୀ । ମାଙ୍କଡ଼ମାନେ କେତେଗୁଡ଼ାଏ ଢିମା ପଥର ଗୋଟାଇ ଆଣିଲେ । ସେଗୁଡ଼ିକ ଖଞ୍ଜିଦେଇ ଦୁଇଟା ବଡ଼ ବଡ଼ ଚୁଲୀ ତିଆରି କଲେ ।

ବୁଢ଼ାବୁଢ଼ୀ ରନ୍ଧାରନ୍ଧିର ବନ୍ଦୋବସ୍ତ କରିଦେଲେ । ହୁମା ଆଉ ସୁମା ରନ୍ଧିଲେ । ଘଣ୍ଟାକ ଭିତରେ ରନ୍ଧାରନ୍ଧି ସରିଗଲା ।

ତା’ପରେ ହେଲା ଠାଆପିଢ଼ା । ସମସ୍ତେ ମିଶି ଶାଳଗଛରୁ ଗୁଡ଼ାଏ ପତ୍ର ଆଣିଲେ । ପତ୍ରଗୁଡ଼ିକ ଖଡ଼ିକାରେ ସିଇଁ ଖଲିପତ୍ର ତିଆରି କଲେ ।

ଧାଡ଼ିକ ଧାଡ଼ି ପତ୍ର ପଡ଼ିଲା । ପରଶିବା ପାଇଁ ପାଞ୍ଚ ଜଣ ରହିଲେ । କୁଣିଆମାନେ ଭୋଜନ କରିବାକୁ ଲାଗିଲେ ।

ମଣିଷମାନେ ସିନା ଗୋଟାଏ ହାତରେ ଖାଆନ୍ତି । ଏମାନେ ଦୁଇହାତ ଲଗାଇ ଟପାଟପ୍ ଖାଇଦେଲେ । ଏପରି ସୁଆଦିଆ ରନ୍ଧାଜିନିଷ ସେମାନେ ଜୀବନରେ ଆଉ କେବେ ଖାଇ ନ ଥିଲେ ।

Digitized by PPRACHIN, SOA



(ମାଙ୍କଡ଼ମାନେ ଭୋଜି ଖାଉଛନ୍ତି ।)

ଖିଆପିଆ ହଇଗଲା । ହୁମା ତା'ର ବନ୍ଧୁବାନ୍ଧବଙ୍କୁ ଘର ଚାରିପାଖରେ ବୁଲାଇ ଆଣିଲା । ଘର ତିଆରି କରିବାର ସବୁ ଉପାୟ ବତାଇ ଦେଲା ।

ବୁଢ଼ାବୁଢ଼ୀ କହିଲେ—ଆମର ଆଜି ବଡ଼ ଭାଗ୍ୟ ! ଆମ ସାଙ୍ଗସାଥିମାନେ ଆମ ଘରକୁ ଆସି ଏକାଠି ଭୋଜନ କଲେ । ଆସ, ଗୋଟାଏ ସଭା କରିବା । ସଭାରେ ଆମ ସମସ୍ତଙ୍କର ହାରି ଗୁହାରି ଶୁଣିବା ।

ସଭା କଥା ଶୁଣି ମାଙ୍କଡ଼ମାନେ ଆନନ୍ଦରେ ଥେଇ ଥେଇ ନାଚିଲେ । ସଭାପତିଙ୍କ ବସିବାପାଇଁ ଖଣ୍ଡେ ମାଙ୍କଡ଼ା ପଥର ବୋହି ଆଣିଲେ ।

ସଭା କାର୍ଯ୍ୟ ଆରମ୍ଭ ହେଲା । ସମସ୍ତେ ଚୁପ୍‌ଚାପ୍ ହୋଇ ଯେଝା ସ୍ଥାନରେ ବସିଲେ । ପ୍ରଥମେ ହେଲା ସଭାପତି

Digitized by PPRACHIN, SOA

ନିର୍ବାଚନ । ଗୋଟିଏ ଧାଡ଼ୁଆ* ଉଠି ପ୍ରସ୍ତାବ କଲା— ଆମର ଏହି ସଭାରେ ସଭାପତି ହେବାପାଇଁ ଝୀମାବାବୁଙ୍କ ନାମ ପ୍ରସ୍ତାବ କରୁଛି । ଆଉ ଗୋଟିଏ ମାଙ୍କଡ଼ ଠିଆହୋଇ ଏହି ପ୍ରସ୍ତାବକୁ ସମର୍ଥନ କଲା । ବିପୁଳ କରତାଳି ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା ।

ସଭାପତି ମାଙ୍କଡ଼ ପଥର ଉପରେ ତାଙ୍କ ଆସନ ଗ୍ରହଣ କଲେ । ଗୋଟିଏ କୁନି ମାଙ୍କଡ଼ୀ ଫୁଲ ହାରଟିଏ ନେଇ ସଭାପତିଙ୍କ ଗଳାରେ ଲମ୍ବାଇ ଦେଲା ।

(ମାଙ୍କଡ଼ଙ୍କ ସଭା)

ସଭାପତି ତାଙ୍କ ଆସନରୁ ଉଠି କହିଲେ —ଆମର ଏହି ସଭାରେ ମୋତେ ସଭାପତି ମନୋନୀତ କରିଥିବାରୁ

* ଧାଡ଼ୁଆ—ବୁଢ଼ାମାଙ୍କଡ଼; ଏ ଶବ୍ଦଟି ବାଲେଶ୍ୱରରେ ପ୍ରଚଳିତ ।

Digitized by PPRACHIN, SOA

ମୁଁ ଆପଣମାନଙ୍କୁ ଶତସହସ୍ର ଧନ୍ୟବାଦ ଦେଉଅଛୁ । ଆମର ଏପରି ସଭା ପୂର୍ବରୁ କେବେ ହୋଇ ନ ଥିଲା । ଆପଣମାନଙ୍କ ହାରଗୁହାରି ଜଣାଇବା ପାଇଁ ମୁଁ ଆପଣ-ମାନଙ୍କୁ ଅନୁରୋଧ କରୁଛି ।

ଏତକ କହି ସଭାପତି ତାଙ୍କ ଆସନରେ ବସିଲେ ।

ହୁମା ପ୍ରଥମେ ଉଠି କହିଲା—ସଭାପତି ମହୋଦୟ ଓ ପ୍ରିୟ ଭାଇ ଭଉଣୀମାନେ ! ଆମର ଏହି ସଭାର ଉଦ୍ଦେଶ୍ୟ ସଭାପତି ମହାଶୟ କହି ଦେଇଅଛନ୍ତି । ଆମର ଆପତ୍ତି ଅଭିଯୋଗ ବହୁତ । ତା'ମଧ୍ୟରୁ ମୁଁ ଗୋଟିଏ ଅଭିଯୋଗ କଥା କହୁଛି । ଦେଖନ୍ତୁ ତ, ଏହି ମଣିଷମାନେ କେଡ଼େ ସ୍ୱାର୍ଥପର ! ଆମକୁ ତାଙ୍କ ବାଡ଼ିବଗିଚାରେ ପୂରାଇ ଦେବେ ନାହିଁ । ସବୁ ଫଳମୂଳ ସେମାନେ ଖାଇବେ । ଆମେ ଯାଇ ପହଞ୍ଚିଲେ, ଠେଙ୍ଗାବାଡ଼ି ଧରି ଆମକୁ ତଡ଼ିବେ ।

•

ଏତିକିବେଳେ ଜଣେ ମଭ୍ୟ ଉପରେପଡ଼ି କହିଲା—ଖାଲି ସେତିକି ନୁହେଁ ହୋ, ଖାଲି ସେତିକି ନୁହେଁ । ବନ୍ଧୁକ ଫୁଟାଇ ଆମକୁ ପ୍ରାଣରେ ମାରିଦେବେ ।

ଆଉ ଜଣେ ଉଠି କହିଲା—ସେତିକିରେ କ'ଣ ମଣିଷର ମନ ମାନୁଛି ? ତାଙ୍କର ସରକାର ହୁକୁମ ଜାରି କରିଛନ୍ତି ଯେ, ଯେଉଁଠି ଆମକୁ ଦେଖିବେ ଜୀବନରେ ମାରିଦେବେ । ସେହି ମଡ଼ ନେଇ କଚେରୀରେ ଦେଖାଇଲେ ପୁରସ୍କାର ମିଳିବ ।

Digitized by PPRACHIN, SOA

ସଭାପତି ଛିଡ଼ା ହୋଇପଡ଼ି କହିଲେ—ହୁମାବାବୁଙ୍କ ଭାଷଣ ଶେଷ ହେଉ । ଆପଣମାନଙ୍କର ଯାହା କହିବାର ଥିବ ତାହା ପରେ କହିବେ ।

ହୁମା ପୁଣି କହିବାକୁ ଲାଗିଲା—ହଁ, ମୁଁ ତ ସେହି କଥା କହୁଛି । ଆମ ଛାଇ ଦେଖିଲେ ମଣିଷଙ୍କ ନାହି ତେଉଁଛି । ସହରରେ ରହିବାକୁ ଆମକୁ ଆଉ ସ୍ଥାନ ମିଳୁ ନାହିଁ । ଏବେ ଗାଁ ଚଣ୍ଡାରୁ ବି ଆମକୁ ତଡ଼ିବାକୁ ବସିଲେଣି । ଆମେ ଏବେ ଏହି ଜଙ୍ଗଲରେ ଆଶ୍ରା ନେଇଛୁ । ଆମେ କେତେକାଳ ଏ ହିନସ୍ତା ଭୋଗିବୁ ?

ମଣିଷ ଆମର ଶତ୍ରୁ । ଭାଇମାନେ ! ଆସ, ଏକଜୁଟ ହୁଅ । ମଣିଷଙ୍କ ବିରୁଦ୍ଧରେ ଲଢ଼େଇ କରିବା । ତାଙ୍କୁ ହଇରାଣ ହରକତ କରିବା । ଆମ ପାଖରେ ହାତହତିଆର ନାହିଁ ସିନା; କିନ୍ତୁ ଆମର ଏହି ମୁହଁର ଦାନ୍ତରେ ତାଙ୍କୁ କାମୁଡ଼ି କମୁଡ଼ି ଖଣ୍ଡିଆ ଖାବରା କରିଦେବା । ଆଉ ଏହି ପାଦର ନଖରେ ତାଙ୍କ ଦେହକୁ ବିଦାରି ପକାଇବା । ଲାଙ୍ଗୁଡ଼ ପିଟି ତାଙ୍କୁ ଚାବୁକ ମାଡ଼ ଦେବା । ଆମର ଏ ଦୁର୍ଦ୍ଦଶା ଅସହ୍ୟ ହେଲାଣି । ମନେରଖ—

"ଛଳେ ବଳେ କଉଶଳେ
ଶତ୍ରୁକୁ ନାଶିବ ହେଳେ ।"

ମୁଁ ଆଜି ଏତିକି କହି ମୋର ଆସନ ଗ୍ରହଣ କରୁଛି । (କରତାଳି ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା)

Digitized by PPRACHIN, SOA

ତା' ପରେ କହିବାକୁ ଉଠିଲା ସୁମା । ସେ କହିଲା—
ମଣିଷ ହେଉ ଆମର ଶତ୍ରୁ ଏକଥା ଠିକ୍ । ଆମ ଭିତରୁ

(କେଳା ମାଙ୍କଡ଼ ନାଚ ଦେଖାଉଛି ।)

କେତେକଙ୍କୁ ସେ ଧରିନେଇ ଚିଡ଼ିଆଖାନାରେ ବନ୍ଦୀ କରି ରଖିଛି । ଆଉ କେତେକଙ୍କୁ ଦଉଡ଼ିରେ ବାନ୍ଧି ବାଟ ଘାଟରେ ନଚଉଛି । ଆମ ନାଚ ଦେଖି ଲୋକମାନେ ପଇସା ଦେଉଛନ୍ତି । ଆମକୁ ସେମାନେ ଖେଳସାମଗ୍ରୀ ମନେ କରୁଛନ୍ତି । ପୁଣି ସର୍କସରେ ଆମ ଖେଳ ଦେଖାଉଛନ୍ତି । ଆମେ ଏ ଦାସତ୍ୱ ଆଉ ସହି ପାରିବା ନାହିଁ । ଆମେ ସ୍ୱାଧୀନତା ଚାହୁଁ । ସ୍ୱାଧୀନତା ଆମର ଜନ୍ମଗତ ଅଧିକାର । ସ୍ୱାଧୀନତା ହାସଲ କରିବା ପାଇଁ ଆମେ ମଣିଷ ବିରୁଦ୍ଧରେ ଯୁଦ୍ଧ କରିବୁ ।

ମାର ମର କର ପଣ,
ଯୁଦ୍ଧ କର ଜଣ ଜଣ ।

Digitized by PPRACHIN, SOA

ଶ୍ରୋତାମାନେ ହୁଁ, ହୁଁ, ହୁଁକାର କରି ଆଗକୁ ଲୁଚି ପଡ଼ିଲେ ।

ସଭାପତି ହଠାତ୍ ଛିଡ଼ା ହୋଇ କହିଲେ— ଏଠିତ ଜନମାନବ କେହି ନାହିଁ । ଗର୍ଜନ କରୁଛ କାହିଁ ? ବସ, ସ୍ଥିରହୋଇ ବସ । ଏଥର ଝୀମୀ କହିବ । ତା' କଥା ମନ ଦେଇ ଶୁଣ ।

ଝୀମୀ କହିବ ଶୁଣି ସମସ୍ତେ ଯେଝା ସ୍ଥାନରେ ବସିଲେ ।

ଝୀମୀ କହିବାକୁ ଉଠିବାରୁ ସମସ୍ତଙ୍କ ମୁହଁରେ ହସ ଫୁଟି ଉଠିଲା ।

ଝୀମୀ କହିବାକୁ ଆରମ୍ଭ କଲା— ସେ କାଳ ଆଉ ନାହିଁ ଗୋ, ସେ କାଳ ଆଉ ନାହିଁ । ରାମଚନ୍ଦ୍ର ନାହାନ୍ତି, କି ରାମରାଜ୍ୟ ନାହିଁ । ରାମ ରାବଣ ଯୁଦ୍ଧ କଥା ମନେ ଅଛି ତ ? ଲଙ୍କାର ରାଜା ରାବଣ ବଳ ବିକ୍ରମରେ ତିନି ଭୁବନକୁ ଅସ୍ଥିର କରି ପକାଇଥିଲା । ତାର ସାହସ ଦେଖ ! ସୀତାଙ୍କୁ ପଞ୍ଚବଟୀବନରୁ ଯୋଗୀବେଶରେ ଚୋରାଇ ନେଇ ତା' ରାଜ୍ୟର ଅଶୋକବନରେ ଲୁଚାଇ ରଖିଲା । ଅଧର୍ମ, ଅନ୍ୟାୟ, ଅନାଚାରର ତ ପୁଣି ଗୋଟାଏ ସୀମା ଅଛି । ରାବଣ ଯେଉଁ ପାପ କଲା, ତାହାର ଫଳ ତାକୁ ହାତେ ହାତେ ଭୋଗିବାକୁ ହେଲା ।

Digitized by PPRACHIN, SOA

ଓଃ ! ରାମରାବଣ ଯୁଦ୍ଧ—— ସେ କି ଭୀଷଣ ଯୁଦ୍ଧ ! ସେ ଯୁଦ୍ଧରେ ଆମ ସେନାଦଳ ରାମଙ୍କୁ ମନପ୍ରାଣ ଦେଇ



(ବୀର ହନୁମାନ ସୁନାର ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଲେ ।)

ସାହାଯ୍ୟ କଲେ । ଆଉ ଆମ ସେନାପତି ବୀର ହନୁମାନ ସୁନାର ଲଙ୍କାକୁ ଜାଳିପୋଡି ଧ୍ୱଂସ କରିଦେଲେ । ଶେଷରେ ରାବଣ ସବଂଶରେ ମଲା ।

ଆମେ ସେହି ବୀର ହନୁମାନଙ୍କର ବଂଶଧର । ଆମେ ବୀର ଜାତି — ଭୀରୁ ନୋହୁଁ, କାପୁରୁଷ ନୋହୁଁ ।

ମଣିଷ ଆମର ବନ୍ଧୁ ଥିଲା । ଏବେ ସେ ଆମର ଶତ୍ରୁ ପାଲଟିଛି । ଏ ପରା କଳିଯୁଗ । କଳିଯୁଗରେ ମଣିଷ କଣ୍ଠାରେ ଲୁଗା ପକାଇ କଳି କରୁଛି । ଘରେ

Digitized by PPRACHIN, SOA

ଘରେ କଳି, ଦାଣ୍ଡରେ ଘାଟରେ କଳି, ଗାଁ ଗାଁ ଭିତରେ କଳି, ଦେଶ ଦେଶ ଭିତରେ କଳି—ସବୁଠି କଳି ଗୋଳ ଲାଗି ରହିଛି ।

ଏତକ କହି ଝିମୀ ତାହାର ଆସନ ଗ୍ରହଣ କଲା ।

ଶେଷରେ ସଭାପତି ଉଠି କହିଲେ— ବେଳ ରାତ ରାତ ହେଲାଣି । ଆମ ବନ୍ଧୁମାନେ ବହୁତ ଦୂରରୁ ଆସିଛନ୍ତି । ସେମାନେ ତାଙ୍କ ସ୍ଥାନକୁ ଫେରି ଯିବାପାଇଁ ବ୍ୟସ୍ତ ହେଲେଣି ।

ମୁଁ ପଦେ ଅଧେ କଥା କହିବି । ବେଶୀ ନୁହେଁ । ଶୁଣ । ଆମେ ମଣିଷଙ୍କ ପୂର୍ବପୁରୁଷ । ଏକଥା ସେହି ମଣିଷମାନେହିଁ ପ୍ରମାଣ କରିଛନ୍ତି । ପୂର୍ବପୁରୁଷଙ୍କୁ ଆଦର ଅଭ୍ୟର୍ଥନା କରନ୍ତେ କଣ ନା ଆମକୁ ସେମାନେ ବେଖାତର କରୁଛନ୍ତି, ଛି ଛାକର କରୁଛନ୍ତି । ଆମେ ଆମର ପୂର୍ବଗୌରବ ଫେରାଇ ଆଣିବାକୁ ଚାହୁଁ । ମଣିଷ ସହିତ ଯୁଦ୍ଧକରି ଆମର ସ୍ୱାଧୀନତା ହାସଲ କରିବୁ । ମୋର ଏହି ଶେଷ କଥା— ଯୁଦ୍ଧ, ଯୁଦ୍ଧ, ଯୁଦ୍ଧ—ମଣିଷ ବିରୁଦ୍ଧରେ ଯୁଦ୍ଧ !

ସଭାପତିଙ୍କ ଭାଷଣ ଶେଷ ହେଲା । ସଭା ଭାଙ୍ଗିଲା ।

ମାଙ୍କଡ଼ମାନେ ବି ବଣଭୋଜି କରନ୍ତି, ସଭାସମିତି କରନ୍ତି । ସେମାନେ ଦେଖାଶିଖା ଜାତି । ଯାହା ଦେଖିବେ,

Digitized by PPRACHIN, SOA

ତାହା କରବେ । ବୁଦ୍ଧିରେ ସେମାନେ ବୃହସ୍ପତି । ଅନୁକରଣ କରିବାରେ ସେମାନେ ଧୁରନ୍ଧର ।

(ବୁଢ଼ା ମାଙ୍କଡ଼ ବାଡ଼ି ଧରି ବଙ୍କେଇ ବଙ୍କେଇ ଚାଲୁଛି ।)

ବଙ୍କ ବାବୁ କିଣିଥିଲେ ଠଙ୍କା ଦେଇ ବାଡ଼;
ବଙ୍କା ହୋଇଗଲ; ତାହା ଦେଲେ ସେ ଫୋପାଡ଼ ।

Digitized by PPRACHIN, SOA

ବୁଢ଼ା ମାଙ୍କଡ଼ଟି ବସି ବରଗଛ ଡାଳେ;
ଦେଖୁଥିଲା ଭଲ କରି ଏହାକୁ ସେକାଳେ ।
ଶଙ୍କା ନାହିଁ ମନେ ତାର ଆସିଲା ତଳକୁ;
କଙ୍କାଳରେ ହାତ ଦେଇ ଧରି ବାଡ଼ିଟିକୁ ,
ବଙ୍କେଇ ବଙ୍କେଇ ଗଲେ କେଡେ କୌତୁକରେ,
ମାଙ୍କଡ଼ଙ୍କୁ ଜିଣିବ କେ ଅନୁକରଣରେ ?

Digitized by PPRACHIN, SOA